**ସଂକ୍ଷେପରେ**

## ଚୋରା ବାଲିଗାଡ଼ି ଜବତ

**କାଶୀନଗର,୨୬।୬:** କାଶୀନଗର ତହସିଲ ଅନ୍ତର୍ଗତ ଖାଣ୍ଡବା ପଞ୍ଚାୟତର ପୁରୁଟିଗୁଡ଼ାଠାରେ ବଂଶଧାରା ନଦୀବାଲି ଚୋରାରେ ଚାଲାଣ ହେଉଥିବା ବେଳେ ୨ ଟ୍ରାକ୍ଟରକୁ ଜବତ କରାଯାଇଛି। ଏହି ଚୋରା ଚାଲାଣ ଖବର ପାଇ ରାଜସ୍ୱ ବିଭାଗ ତହସିଲଦାର ଲରିମାନ ଖର୍ସେଲଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ଆଇଆଇସି ଓ ଖାଣ୍ଡବା ରାଜସ୍ୱ ନିରୀକ୍ଷକ ଚୋରାଚାଲାଣଠାରେ ପହଞ୍ଚି ଥିଲେ। ଦୁଇଟି ଟ୍ରାକ୍ଟରରୁ ୪୦,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ରାସ୍ତାକଡ଼ରୁ କ୍ଷତବିକ୍ଷତ, ଅଚେତ ଯୁବତୀ ଉଦ୍ଧାର

**ଦାରିଙ୍ଗବାଡ଼ି,୨୬।୬(ଡି.ଏନ.ଏ):** ଦାରିଙ୍ଗବାଡ଼ି ଥାନା କଫିବଗିଚା ନିକଟର ମୁଖ୍ୟ ରାସ୍ତା କଡ଼ରେ ଜଣେ ଯୁବତୀ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ତାଙ୍କ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଥିବା ବେଳେ ଅଚେତ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ଉଦ୍ଧାର କରିଛି। ଯୁବତୀ ଜଣକ ଭ୍ରମରବାଡ଼ି ପଞ୍ଚାୟତ ବୁଡାଙ୍ଗପିପିଲି ଅଞ୍ଚଳର ଥିବା ବେଳେ କିଭଳି ତାଙ୍କ ଗ୍ରାମରୁ ଉକ୍ତ କଫି ବଗିଚା ଅଞ୍ଚଳକୁ ଆସିଥିଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ଯୁବତୀଙ୍କ ଚେତା ଫେରିଲେ ସମ୍ପୂର୍ଣ୍ଣ ଘଟଣା ଜଣାପଡ଼ିବ ବୋଲି ପୋଲିସ ଆଶା ରଖିଛି। ଖବର ଲେଖିବା ସୁଦ୍ଧା ତାଙ୍କ ପରିବାର ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିବା ଜଣାପଡ଼ିଛି।

## ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ

**ଆସିକା,୨୬।୬(ଡି.ଏନ.ଏ.):** ସମବାୟ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ରବିବାର ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଦର ଶାଖା ଅଧିନସ୍ଥ ମୁନିଗାଡି ସେବା ସମବାୟ ସମିତିରେ ନିର୍ବାଚନ ହୋଇଥିଲା। ଏହି ସମିତିର ୫ଟି ଜୋନ ଲାଗି ନିର୍ବାଚନ ଶୃଙ୍ଖଳାର ସହ ସରିଛି। ସଦର ଶାଖା ଅଧିନସ୍ଥ ୧୯ଟି ସେବା ସମବାୟ ସମିତି ଓ ୬ଟି ଅନ୍ୟାନ୍ୟ ସମିତି ମଧ୍ୟରୁ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ସମୟରୁ ୧୪ଟି ସେବା ସମବାୟ ସମିତି ଓ ୬ଟି ଅନ୍ୟାନ୍ୟ ସମିତିର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଗତ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ଟି ସମିତିର ୧୩ ଜଣ ପ୍ରାର୍ଥୀଙ୍କ ଲାଗି ମତଦାନ ହୋଇଥିଲା।

## ତାଲାବନ୍ଧ ଘରେ କଳାକନା ବୁଲାଇଲେ ଲୁଟେରା

ଗୋପାଳପୁର,୨୬।୬(ଡି.ଏନ୍.ଏ.)- କିଛିଦିନର ବ୍ୟବଧାନ ପରେ ପୁଣି ଗୋଳନ୍ଥରା ଅଞ୍ଚଳରେ ଲୁଟେରାମାନେ ରବିବାର କଳାକନା ବୁଲାଇଥିବା ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ହଳଦିଆପଦର ବଡ଼ ସାହିର ମାମୁନି ପାଢ଼ୀ କୌଣସି କାମରେ ଗତ ୨୪ରେ ସପରିବାର ଘରେ ଚାବି ପକାଇ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଲା କାଟି ଘର ଭିତରେ ପଶି ଆଲମିରା ଭାଙ୍ଗି ୩୦ ହଜାର ଟଙ୍କା, ମୂଲ୍ୟବାନ କାଗଜପତ୍ର ଓ ଏକ ସ୍କୁଟି ଲୁଟେରାମାନେ ଲୁଟି ନେଇଛନ୍ତି। ଏଥିସହ ଗଲା ବେଳେ ଏକ ବଡ଼ ତାଲା ଘରର ମୁଖ୍ୟ କବାଟରେ ପକାଇ ଚାଲିଯାଇଥିଲେ। ରବିବାର ମାମୁନି ଘରକୁ ଫେରି ମୁଖ୍ୟ କବାଟରେ ଅନ୍ୟ ଏକ ଚାବି ପଡ଼ିଥିବା ଦେଖିବାକୁ ପାଇଥିଲେ। ଉକ୍ତ ଚାବିକୁ ଭାଙ୍ଗି ଘର ଭିତରକୁ ପଶି ଦେଖିଲା ବେଳକୁ ଘରେ ଚୋରି ହୋଇଥିବା ଜାଣିବା ପରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୧୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି କିଛି ନମୁନା ସଂଗ୍ରହ କରିଛି। ଶୀଘ୍ର ଅଭିଯୁକ୍ତମାନଙ୍କୁ କାବୁ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ

# ‘ନିଶା ପରିବାରକୁ ନିଶ୍ଚିହ୍ନ କରିଦିଏ’

**ନବରଙ୍ଗପୁର,୨୬।୬ (ବି.ପ୍ର.)**

ନବରଙ୍ଗପୁରରେ ରବିବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅନୈତିକ ଚାଲାଣ ଦିବସ ପାଳନ କରାଯାଇଛି। ନବରଙ୍ଗପୁର ଜିଲା ସାମାଜିକ ସୁରକ୍ଷା ଏବଂ ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ଡ. କମଳଲୋଚନ ମିଶ୍ର ନିଶା ନିବାରଣ ସମ୍ପର୍କିତ ସଚେତନତା ରଥକୁ ଗାନ୍ଧୀ ଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ଅବକାରୀ ବିଭାଗ ଏବଂ ସରକାରୀ କର୍ମଚାରୀମାନେ ଭାଗ ନେଇଥିଲେ। ଏହାପରେ ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଥିଲା। ମାଦକ ଦ୍ରବ୍ୟ ସେବନ ଦ୍ୱାରା ସମାଜ ଉପରେ କେଉଁସବୁ କୁପ୍ରଭାବ ପଡୁଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଅବୈଧ ମାଦକ ଦ୍ରବ୍ୟ ସେବନ ଦ୍ୱାରା ସମାଜରେ ଅସାମାଜିକ କାର୍ଯ୍ୟକଳାପ ସହିତ ଘରୋଇ ହିଂସା ବଢୁଛି ବୋଲି ବକ୍ତାମାନେ ମତ ଦେଇଛନ୍ତି। ଅବୈଧ ନିଶା ନିବାରଣ ଏବଂ ନିଶାଗ୍ରସ୍ତ ମଣିଷକୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ହେଲେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ହେବ। ଏଥିରେ ଆଧ୍ୟାତ୍ମିକ ସଂସ୍ଥା,



ସଚେତନତା ଶୋଭାଯାତ୍ରାରେ ଅଧିକାରୀ, ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରଙ୍କ ଭୂମିକା ସମ୍ପର୍କରେ ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ରଇତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିଶା ଯୋଗୁ ନିଜ ପରିବାରରେ ଘଟିଥିବା ଦୁର୍ଘଟଣାକୁ ମନେପକାଇ ସେ ମଞ୍ଚରେ କାନ୍ଦି ପକାଇଥିଲେ। ନିଶା କବଳରେ ପଡ଼ି ବାପାଙ୍କ ମୃତ୍ୟୁ ହେଲା। ମାଆ ବନବାସ ଚାଲିଗଲେ। ପାଖକୁ ଡାକିଲେ ମଧ୍ୟ ଆସୁ ନାହାନ୍ତି। ମାଆ ଏବେ ସୁସ୍ଥ ଅଛନ୍ତି। ନିଶା ପରିବାରକୁ ନିଶ୍ଚିହ୍ନ କରିଦିଏ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ

**ଅନ୍ତର୍ଜାତୀୟ ନିଶା ନିବାରଣ, ଅନୈତିକ ଚାଲାଣ ଦିବସ**

- ନିଶା ସେବନ ଦ୍ୱାରା ବଢୁଛି ପାରିବାରିକ ହିଂସା
- ଅଙ୍ଗେ ନିଭେଇଥିବା ଦୁର୍ଘଟଣାକୁ ମନେପକାଇ କାନ୍ଦିଲେ ଅତିରିକ୍ତ ଜିଲାପାଳ

ପାତ୍ର, ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଆଶାକିରଣର ଜଗନ୍ନାଥ ବେହେରା, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ, ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକ, ତେନ୍ତୁଳିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇ, ଉମରକୋଟ ବିଡିଓ ଡ. ହିମାଞ୍ଚଳ ମାଝି, ନବରଙ୍ଗପୁର ବ୍ରହ୍ମାକୁମାରୀ ଆଶ୍ରମର ଭଉଣୀ ନମିତା, ରାଖୀ, ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାସ୍କର ନାଥ ବିଶ୍ୱାଳ, ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ବରିଷ୍ଠ ନାଗରିକ ତଥା କାଉନସିଲର ନଗେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କେରଳରେ କାଶୀପୁର ଶ୍ରମିକଙ୍କ ମୃତ୍ୟୁ

**ଟିକିରି,୨୬।୬(ଡି.ଏନ୍.ଏ.)**

ପରିବାରର ଆର୍ଥିକ ସ୍ଥିତି ଖରାପ ଏବଂ ଅଞ୍ଚଳରେ କାମଧନ୍ଦାର ଅଭାବ ଯୋଗୁ ପାଠ ଛାଡ଼ି କେରଳକୁ କାମ କରିବାକୁ ଯାଇଥିଲେ। ପରିଶ୍ରମ କରି ଭଲ ଟଙ୍କା ରୋଜଗାର କଲେ ପରିବାରର ସ୍ଥିତିରେ ସୁଧାର ଆସିବ ବୋଲି ଆଶା ରଖିଥିଲେ। ହେଲେ ବିଧିର ବିଧାନ କିଛି ଅଲଗା ଥିଲା। ଟଙ୍କା ରୋଜଗାର କରି ଆଣିବା ବଦଳରେ ରୋଗାକ୍ରାନ୍ତ ହୋଇ ମୃତ ଅବସ୍ଥାରେ ଘରକୁ ଫେରିଛନ୍ତି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ପାଇକସୁପେଲ ଗ୍ରାମର ଗଙ୍ଗାରାମ ଗୌଡ଼ଙ୍କ ପୁଅ ମଣିରାମଙ୍କ କ୍ଷେତ୍ରରେ ଏଭଳି ଘଟିଛି।

ଗଙ୍ଗାରାମଙ୍କ ପରିବାରରେ ୭ ପ୍ରାଣୀ ରହିଛନ୍ତି। ଅଭାବ ମଧ୍ୟରେ ରହି ପୁଅ ମଣିରାମ କାଶୀପୁରରେ ଯୁକ୍ତ ୨ ପର୍ଯ୍ୟନ୍ତ ପଢ଼ିଲେ। ପରିବାର ଚଳିବା କଷ୍ଟକର ହେବାରୁ କିଛିମାସ ତଳେ ମଣିରାମ ଏବଂ ତାଙ୍କ ଭାଇ ମିଶି କେରଳକୁ କାମ କରିବାକୁ ଯାଇଥିଲେ। ଦୁହେଁ କାମ କରି ଟଙ୍କା ପଠାଇଲେ ପରିବାର ଚଳୁଥିଲା।


ମଣିରାମ ଗୌଡ଼।

କିଛିଦିନ ହେଲା ମଣିରାମ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇ କେରଳର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଜୁନ୍ ୨୪ ରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସମସ୍ତ ପ୍ରକ୍ରିୟା ଶେଷକରି ରବିବାର ଆମ୍ବୁଲାନ୍ସ ଯୋଗେ ମଣିରାମଙ୍କ ମୃତଦେହ ତାଙ୍କ ଭାଇ ଗାଁକୁ ନେଇ ଆସିଛନ୍ତି। ଗାଁ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ତେବେ ଅଞ୍ଚଳରେ କାମ ମିଳିଥିଲେ ବାହାର ରାଜ୍ୟକୁ କାମ କରିବାକୁ ଯିବାକୁ ପଡ଼ନ୍ତାନି ବୋଲି ମଣିରାମଙ୍କ ଭାଇ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

**OFFICE OF THE DISTRICT CONSUMER DISPUTES REDRESSAL COMMISSION, ANGUL**
No.263(3), Date:4.6.2022
**Empanelment for the post of Mediator in the Office of District Consumer Disputes Redressal Commission, Angul**
“Applicant desirous to be empanelled as Mediator may download application form from State C.D.R. Commission website www.scdrc.odisha.gov.in.
Sd./- President
D.C.D.R.C., Angul

# ଜିଆଇଇଟିରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର

**ଗୁଣପୁର,୨୬।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନ ସ୍କୁଲ ଅଫ ସାଇନ୍ସ ଆନୁକୂଲ୍ୟରେ ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଭାଗ ଦ୍ୱାରା ମିଳିତ ଭାବେ ‘ରିସେଣ୍ଟ ଟ୍ରେଣ୍ଡ ଇନ୍ ଫିଜିକ୍ସ ଆଣ୍ଡ କେମେଷ୍ଟ୍ରି ରିସର୍ଚ୍ଚ’ ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ତଥା ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିନ୍ ଏକାଡେମିକ୍ସ ଏ. ଭି. ଏନ୍. ଏଲ୍ ଶର୍ମା ଯୋଗଦେଇ ଶିକ୍ଷା ଓ ଅନୁସନ୍ଧାନର ବିକାଶରେ ପଦାର୍ଥ ଏବଂ ରସାୟନ ବିଜ୍ଞାନର ମୁଖ୍ୟ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ତାରିଣୀ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବେସିକ୍ ସାଇନ୍ସ ଓ ହ୍ୟୁମାନିଟି ବିଭାଗର ମୁଖ୍ୟ ଦିଲୀପ କୁମାର ପଟ୍ଟନାୟକ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଉପରେ ଦୃଷ୍ଟିପାତ କରିଥିଲେ। ସମ୍ମିଳନୀର ଆବାହକ ବିଶ୍ୱଜିତ ଦଳାଇ ମଞ୍ଚାସୀନ ରହି ଜାତୀୟ ସମ୍ମିଳନୀର ମହତ୍ତ୍ୱ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଭୁବନେଶ୍ୱର ସ୍ଥିତ ନାଇଜରର ପ୍ରଫେସର ତାପସ କୁମାର ସାହୁ, ଝାଡ଼ଖଣ୍ଡ ସ୍ଥିତ ଆଇଆଇଟି(ଆଇଆଇଏମ୍) ଧାନ୍‌ବାଦର ପ୍ରଫେସର ଗଣେଶ ଚନ୍ଦ୍ର ନାୟକ, ମୁମ୍ବାଇ ସ୍ଥିତ ବିଏଆର୍‌ସିର ବୈଜ୍ଞାନିକ ଏସ୍.ଏନ୍. ଆଚାରୀ ଏବଂ ତିରୁଚିରାପଲ୍ଲୀ ସ୍ଥିତ ଏନ୍‌ଆଇଟିର ବୈଜ୍ଞାନିକ ଲିପିକା ରାଉତ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ପ୍ରଯୁକ୍ତି ବିଜ୍ଞାନ ଓ ରସାୟନ ବିଜ୍ଞାନର ମୁଖ୍ୟ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏନ୍. ଭି. ଜେ. ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସହ ଆବାହକ ପ୍ରତିଭା କର ଧନ୍ୟବାଦ ଦେଇଥିଲେ।

# ସମୟର ସଦୁପଯୋଗ ନେଇ ଯତ୍ନବାନ୍ ହେବା ଜରୁରୀ

**ପଦ୍ମପୁର,୨୬।୬(ଡି.ଏନ୍.ଏ.)**

ସମୟର ସଦୁପଯୋଗ କରିବା ଉପରେ ସ୍କୁଲ ପିଲାଙ୍କୁ ସଚେତନ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାୟଗଡ଼ା ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ରବିବାର ପଦ୍ମପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା।

ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲରେ ହୋଇଥିବା କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସମୟର ସଦୁପଯୋଗ କରିବା ପାଇଁ କେତେକ ସହଜ ଉପାୟ ବୁଝାଇବା ସହ ଅଭିଭାବକମାନେ ମଧ୍ୟ ଏଥିପ୍ରତି ଯତ୍ନବାନ ହେବାକୁ କୁହାଯାଇଥିଲା। ଏଥିରେ ବିଦ୍ୟାଳୟରେ ପିଲାମାନେ ଏକାଗ୍ରତା ରଖିବା, ଘଣ୍ଟାର ବ୍ୟବହାର କରିବା, ଦୈନିକ ସାରଣୀ ପ୍ରସ୍ତୁତ କରିବା, ଲକ୍ଷ୍ୟ ନିର୍ଦ୍ଧାରଣ କରିବା, ମୋବାଇଲ କମ୍ ବ୍ୟବହାର କରି ପାଠ ଉପରେ ଧ୍ୟାନଦେବା, ପ୍ରତିଦିନ ଯୋଗ ଓ ବ୍ୟାୟାମ ଅଭ୍ୟାସ କରିବା ନିମନ୍ତେ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜୟାନନ୍ଦ ହାଇସ୍କୁଲର ଶିକ୍ଷକ ରାମ ପ୍ରସାଦ ଚୌଧୁରୀ, ତ୍ରିଲୋଚନ ଶବର, ପ୍ରସନ୍ନ କୁମାର ଦାଶଙ୍କ ସମେତ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ।


ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ସମୟ ସଦୁପଯୋଗର ଉପାୟ କହୁଛନ୍ତି।

## ଔଷଧ ଭ୍ୟାନ୍–ବୋଲେରୋ ମୁହାଁମୁହିଁ, ୪ ଗୁରୁତର

**ପଦ୍ମପୁର,୨୬।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ା ଫାଣ୍ଡି ଅଧୀନ ନାରାୟଣପୁର ନିକଟ ୩୨୬ ନଂ. ଜାତୀୟ ରାଜପଥରେ ରବିବାର ସକାଳେ ସଡ଼କ ଦୁର୍ଘଟଣାରେ ୪ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁବାସ ଚନ୍ଦ୍ର (୨୨), ଭବାନୀ ଶଙ୍କର ନାୟକ(୨୯), ଭରତ ବେହେରା (୪୧), ସଚିତ୍ର ପ୍ରଧାନ(୩୫)। ଘଟଣାରୁ ପ୍ରକାଶ, ମେଡିକାଲର ଔଷଧ ଭ୍ୟାନ୍ ରାୟଗଡ଼ାରେ ଔଷଧ ଖାଲି କରି ବ୍ରହ୍ମପୁର ଫେରୁଥିଲା। ଏହି ସମୟରେ ଭୁବନେଶ୍ୱରରୁ ରାୟଗଡ଼ା ଯାଉଥିବା ବୋଲେରୋ ସହ ନାରାୟଣପୁରଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରାଥମିକ ଚିକିତ୍ସା କରିଥିବାବେଳେ ଅବସ୍ଥା ଅଧିକ ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସମସ୍ତ ଗୁରୁତର ଭୁବନେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପଦ୍ମପୁର ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, କେନ୍ଦୁଗୁଡ଼ା ଫାଣ୍ଡି ଏସ୍‌ଆଇ ଅରୁଣ କୁମାର ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୋଲେରୋ(ଓଡି ୦୨ ବିୟୁ ୯୩୫୧) ଏବଂ ଭ୍ୟାନ୍(ଓଡି ୦୨ ବିପି ୩୯୨୪)ଗାଡ଼ିକୁ ଜବତ କରିଛନ୍ତି। ତଦନ୍ତ ଜାରିରହିଥିବା ପୋଲିସ କହିଛି।

# ହଜ୍ ଯାତ୍ରୀଙ୍କୁ ମୋହରା ମୁସ୍‌ଲିମ କମିଟିର ସମ୍ବର୍ଦ୍ଧନା



**ଚନ୍ଦାହାଣ୍ଡି, ୨୬।୬(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରୁ ରବିବାର ବରିଷ୍ଠ ବ୍ୟବସାୟୀ ମହମ୍ମଦ ରଫିକ ଓ ତାଙ୍କ ସ୍ତ୍ରୀ ମିନାଜ ବାନୋ ହଜ୍ ଯାତ୍ରା ନିମନ୍ତେ ମକ୍କା,ମଦିନା ଯାତ୍ରା କରିଛନ୍ତି। ଉଭୟ ହଜ୍ ଯାତ୍ରୀଙ୍କୁ ମୋହରା ମସ୍‌ଜିଦ କମିଟି ପକ୍ଷରୁ ଏକ ଶୋଭାଯାତ୍ରାରେ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଯାତ୍ରା ସୁଗମ ହେଉ ବୋଲି ସମସ୍ତେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହମ୍ମଦ ୟୁନୁସ ମାଲକାନି, ଅବଦୁଲ ମଜିଦ, ମହମ୍ମଦ ୟୁନୁସ, ମହମ୍ମଦ ସକିଲ, ସୁଲତାନ ଅଲ୍ଲୀ, ଅବଦୁଲ କୟୁମ, ମହମ୍ମଦ ସଫିକ, ହାଜି ଇଲିୟାସ, ମହମ୍ମଦ ରଫିକ, ମହମ୍ମଦ ହୁସେନ, ମହମ୍ମଦ ରିଜୱାନ, ଅସପାକ, ରେହାନ, ନୁମାନ, ଅକିଲ ସାହାଦତ ଅଲ୍ଲୀ, ମୁରାଦ ଅଲ୍ଲୀଙ୍କ ସମେତ ମୋହରା ମସଜିଦ୍ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଖୋଲିଲା ଜଗନ୍ନାଥ ମନ୍ଦିର ହୁଣ୍ଡି, ମିଳିଲା ୩୨ହଜାର ଟଙ୍କା

**ଉମରକୋଟ, ୨୬।୬(ସ୍ୱ.ପ୍ର.)**

ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ଉମରକୋଟ ଶ୍ରୀ ଜଗନ୍ନାଥ ମନ୍ଦିରରେ ଥିବା ହୁଣ୍ଡିକୁ ରବିବାର ଖୋଲାଯାଇଛି। ମନ୍ଦିରର ଦେବୋତ୍ତର କମିଟିର ସଭାପତି ତଥା ତହସିଲଦାର ଏନ୍.ଜଗତ ଜୀବନ ଚୌଧୁରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପାଦକ ରାମ ନାୟକ, ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତ, କୋଷାଧ୍ୟକ୍ଷ ବିଘ୍ନରାଜ ସନ୍ତ୍ରା, ସଭ୍ୟ ଟୁଲୁ ସାହୁ, ଭାବନୀ ଶଙ୍କର ପଟ୍ଟନାୟକ, ଦିବାକର ମହାନ୍ତି, ସୋନୁ ଧାକଡ଼, ଶାନ୍ତନୁ ସିଂ, ମୋହନ ସାହୁ, ପୂଜକ ଶ୍ରୀ ଲାଲୁ ମିଶ୍ରଙ୍କ ଉପସ୍ଥିତିରେ ମନ୍ଦିର ପ୍ରାଙ୍ଗଣରେ ହୁଣ୍ଡି ଖୋଲାଯାଇଛି। ଉକ୍ତ ହୁଣ୍ଡିରୁ ମୋଟ ୩୨ହଜାର ୪୬୦ଟଙ୍କା ବାହାରି ଥିଲା। ଉକ୍ତ ଅର୍ଥକୁ ଚଳିତ ରଥଯାତ୍ରାରେ ଖର୍ଚ୍ଚ କରାଯିବ ବୋଲି ଶ୍ରୀ ଜଗନ୍ନାଥ ମନ୍ଦିର ଦେବୋତ୍ତର କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।


ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣାଯାଉଛି ।

# ସ୍ୱର୍ଣ୍ଣ ବିଜେତା ମୀନାଙ୍କୁ ସମ୍ବର୍ଦ୍ଧନା

**ଉମରକୋଟ, ୨୬।୬(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ କୁରୁମାହାଣ୍ଡି ଭଳି ଏକ ଉପାନ୍ତ ଅଞ୍ଚଳରୁ ବାହାରି ଖେଲୋ ଇଣ୍ଡିଆରେ ସ୍ୱର୍ଣ୍ଣ ପଦକ ହାତେଇଥିବା ମୀନା ସାନ୍ତା ରବିବାର ଘରକୁ ଫେରିଛନ୍ତି। ଏହାପରେ ପଞ୍ଚାୟତ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ସୂଚନାନୁଯାୟୀ, ଚଳିତ ବର୍ଷ ଖେଳାଯାଇଥିବା ଖେଲୋ ଇଣ୍ଡିଆ ପ୍ରତିଯୋଗିତାର ୫୫ କେଜି ଯୁବ ବର୍ଗ ଭାରୋତ୍ତୋଳନରେ ମୀନା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହାପରେ ଭୁବନେଶ୍ୱରସ୍ଥିତ କିସ୍ ଛାତ୍ରାବାସରୁ ସେ ଗାଁକୁ କିଛିଦିନ ପାଇଁ ଆସିଛନ୍ତି। ସୁନାବେଡା ପଞ୍ଚାୟତ ପକ୍ଷରୁ ତାଙ୍କୁ ରବିବାର ସ୍ୱାଗତ କରାଯିବା ସହ ବିଭିନ୍ନ ଉପହାର ଦିଆଯାଇଛି। ଘରର ସାନ ଝିଅ ହୋଇଥିବାରୁ ମା’ଙ୍କର ଇଚ୍ଛା ନ ଥିଲା ମୁଁ ଖେଳେ ବୋଲି। କିନ୍ତୁ ମା’ଙ୍କୁ ବୁଝାଶୁଝା କରି ଖେଳିବାକୁ ଯାଇଥିଲି। ବର୍ତ୍ତମାନ କିନ୍ତୁ ମା’ ବହୁତ ଖୁସି ବୋଲି ମୀନା କହିଛନ୍ତି। ଖେଳରେ ମନ ଲଗାଇ ଚେଷ୍ଟା ଜାରି ରଖିଲେ ସଫଳତା ନିଶ୍ଚିତ ବୋଲି ସେ ଉପସ୍ଥିତ ଖେଳାଳିଙ୍କୁ କହିଛନ୍ତି। ସଫଳତାର ଶ୍ରେୟ ଅନୁଷ୍ଠାନ, ପ୍ରଶିକ୍ଷକ ରବି କୁମାରଙ୍କୁ ଦେଇଥିଲେ। ଆଗକୁ ଭବିଷ୍ୟତରେ ଅଲିମ୍ପିକରେ ଭାଗ ନେବାକୁ ଲକ୍ଷ୍ୟରଖିଛି। ସୁଯୋଗ ମିଳିଲେ ଦେଶର ଟେକ ରଖିବି ବୋଲି ମୀନା କହିଛନ୍ତି। ସମ୍ବର୍ଦ୍ଧନା ଦେବାବେଳେ ସରପଞ୍ଚ, ୱାର୍ଡ ମେମ୍ବର, ଗ୍ରାମବାସୀ ଓ ମୀନାଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ୨୮ରେ ଗୁଡାରି ବନ୍ଦ ଡାକରା ଦେଲେ ଅଞ୍ଚଳବାସୀ

**ଗୁଡାରି,୨୬।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡାରିରୁ ଭୁବନେଶ୍ୱରକୁ ସିଧାସଳଖ ଯାତ୍ରା ନିମନ୍ତେ ସରକାରୀ ବସ୍ ସେବା ଯୋଗାଇବାକୁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଅଞ୍ଚଳବାସୀ ୨୮ରେ ଗୁଡାରି ବନ୍ଦ ଡାକରା ଦେଇଛନ୍ତି।

ସୂଚନାଯୋଗ୍ୟ, ଗୁଡାରିରୁ ଭୁବନେଶ୍ୱରକୁ ସରକାରୀ ବସ୍ ସେବା ନିମନ୍ତେ ଅଞ୍ଚଳବାସୀ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅନୁରୋଧ କରିଛନ୍ତି। ସହରର ଯୁବଗୋଷ୍ଠୀ ‘ୟୁଥ୍ ଫର୍ ଚେଞ୍ଜ’ ପକ୍ଷରୁ ମଧ୍ୟ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହା ବ୍ୟତୀତ ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଜନଶୁଣାଣିରେ ଲିଖିତ ଅଭିଯୋଗ ସହ ଗୁଡାରି ଏନ୍‌ଏସି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଏବଂ ୫–ଟି ସଚିବଙ୍କୁ ଭେଟି ଅବଗତ କରାଯାଇଛି। ସେହିପରି ଗୁଡାରିର ଶାସକ ଦଳର ଦୁଇ ନେତା ଭୁବନେଶ୍ୱର ଯାଇ ତତ୍କାଳୀନ ପରିବହନ ମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ। ତଥାପି ଏ ପର୍ଯ୍ୟନ୍ତ ଭୁବନେଶ୍ୱରକୁ ସିଧାସଳଖ ବସ୍ ସେବା ପହଞ୍ଚିପାରିନାହିଁ।

- ଗୁଡାରିରୁ ଭୁବନେଶ୍ୱରକୁ ସରକାରୀ ବସ୍ ସେବା ଦାବି
- ବାରମ୍ବାର ଦାବି ପରେ ବି ନିଆଯାଉନି ପଦକ୍ଷେପ

ଫଳରେ ଅଞ୍ଚଳବାସୀ ନିଜ ଅଧିକାର ପାଇଁ ଜୁନ୍ ୨୮ରେ ଗୁଡାରି ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗୁଡାରିକୁ ଯୋଗାଯୋଗ କରୁଥିବା ସମସ୍ତ ବସ୍ ଓ ଅନ୍ୟ ଯାନବାହନ ଚଳାଚଳ ବନ୍ଦକରି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦେବା ପାଇଁ ସ୍ଥିର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁଡାରିର ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ହୋଟେଲ ବନ୍ଦ ରହିବ ବୋଲି ଜଣାପଡ଼ିଛି। ଏ ବିଷୟରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଦାବି। ଏହା ପୂରଣ କରିବାକୁ ସରକାରଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। ସେହିପରି କୋରାପୁଟ ଏମ୍‌ପି ସପ୍ତଗିରି ଉଲକା ମଧ୍ୟ ଦାବିକୁ ନେଇ ସମର୍ଥନ ଜଣାଇବା ସହ ଆବଶ୍ୟକ ହେଲେ ସେ ନିଜେ ଗୁଡାରିବାସୀଙ୍କ ପ୍ରତୀକାତ୍ମକ ଧର୍ମଘଟରେ ସାମିଲ ହେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଜେଇଏଲସି ଚର୍ଚ୍ଚ ପରିଦର୍ଶନ କଲେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ

କୋରାପୁଟ,୨୬।୬(ସ୍ୱ.ପ୍ର.)-ରାଜ୍ୟ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରବିବାର କୋରାପୁଟସ୍ଥିତ ଜେଇଏଲସି ଚର୍ଚ୍ଚ ପରିଦର୍ଶନ କରିଛନ୍ତି। ଖ୍ରୀଷ୍ଟିୟ ଗ୍ରାମ ପଞ୍ଚାୟତ ସଭାପତି ଏଲକେ ବାଘ ଓ ଚର୍ଚ୍ଚର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସଦସ୍ୟମାନେ ନୂତନ ଚର୍ଚ୍ଚ, କନଫରେନ୍ସ ହଲ, କ୍ଲବ ନିର୍ମାଣ ନେଇ ଦାବି ଉପସ୍ଥାପନ କରିଥିଲେ। ଚର୍ଚ୍ଚ ପରିଦର୍ଶନ କରି ଦାସ ସଦସ୍ୟମାନଙ୍କ ସହ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ସମୟରେ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ , କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ରଘୁରାମ ମାଛ ପ୍ରମୁଖ ଉପସ୍ଥିତ ଥିଲେ ।

### ମହିଳାଙ୍କୁ ନିର୍ଯାତନା, ଥାନାରେ ମାମଲା

ବ୍ରହ୍ମପୁର ଅଫିସ,୨୬।୬: ଜନୈକା ମହିଳାଙ୍କୁ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କ ଶ୍ୱଶୁରଘର ଲୋକ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ତାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୯୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, ଗୋପାଳପୁର ଥାନା ଅନ୍ତର୍ଗତ ପଥରା ଗ୍ରାମର ହେମ ସେଠୀ ବ୍ରହ୍ମପୁର କାଲୁପାତ୍ର ସାହିର ମିଟୁ ସାହୁଙ୍କୁ ପ୍ରଥମେ ବିବାହ କରିଥିଲେ। ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ହେମଙ୍କୁ ତାଙ୍କ ସ୍ୱାମୀ ମିଟୁ ମଦ୍ୟପାନ କରି ସବୁବେଳେ ମାରପିଟ କରୁଥିଲେ। କିଛିବର୍ଷ ପୂର୍ବେ ମିଟୁ ହେମଙ୍କୁ ଘରୁ ତଡି ଦେଇଥିଲେ। ଫଳରେ ହେମ ତାଙ୍କ ସ୍ୱାମୀଙ୍କୁ ଛାଡ଼ି ଚିକିଟିରେ ରହୁଥିଲେ। ସେଠାରେ କିଛି ମାସ ରହିବା ପରେ ହେମଙ୍କ ସହ ଚିକିଟିର ସନ୍ତୋଷ କୁମାର ବ୍ରହ୍ମାଙ୍କ ସହ ଦେଖା ହୋଇଥିଲା। ପରେ ସେ ସନ୍ତୋଷଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। କିଛିଦିନ ପରେ ସନ୍ତୋଷ ଓ ତାଙ୍କ ପରିବାର ଲୋକ ହେମଙ୍କୁ ଜାତିଆଣ ମନ୍ତବ୍ୟ ଆଳ ଦେଖାଇ ନିର୍ଯାତନା ଦେଉଥିଲେ। ଏପରିକି ସନ୍ତୋଷ, ତାଙ୍କ ମା ଓ ଭାଇ ହେମଙ୍କୁ ମାଡ଼ ମାରି ଘରୁ ତଡ଼ି ଦେଇଥିଲେ। ସେହିପରି ତାଙ୍କ ପୁଅକୁ ନେବାକୁ ମଧ ସେମାନେ ହେମଙ୍କୁ ସୁଯୋଗ ଦେଇନଥିଲେ ବୋଲି ଅଭିଯୋଗ କରିଛନ୍ତି।

### ଶରଧାବାଲିରେ ଚାରାରୋପଣ

ବ୍ରହ୍ମପୁର ଅଫିସ୍,୨୬।୬: ଶରଧାବାଲିସ୍ଥିତ ନିବାସ ଏନ୍‌କ୍ଲେଭ ଆପାର୍ଟମେଣ୍ଟ ହାଉସିଂ ସୋସାଇଟି ଉଦ୍‌ଘାଟନୀ ଉତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୋସାଇଟିର ସମ୍ପାଦକ ସୁଶାନ୍ତ ଜେନା ବିବରଣୀ ପାଠ କରିଥିଲେ। ସୋସାଇଟି ପକ୍ଷରୁ ସଂଗୀତ ଓ ନୃତ୍ୟ ପରିବେଷଣ କରାଯିବା ସହ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

### ତାଲା ଭାଙ୍ଗି ଦୋକାନରୁ ଚୋରି

ବ୍ରହ୍ମପୁର ଅଫିସ,୨୬।୬: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ କେଶବନଗର ଦ୍ୱିତୀୟ ଲାଇନ୍‌ରେ ଥିବା ଏକ ଆଇସକ୍ରିମ ଦୋକାନରୁ ସାମଗ୍ରୀ ଓ ଟଙ୍କା ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଅମିତ କୁମାର ପଟ୍ଟନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ପ୍ରତିଦିନ ଭଳି ଅମିତ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତାଲା ଭଙ୍ଗା ଯାଇଥିବା ନେଇ ସେ ରବିବାର ଖବର ପାଇଥିଲେ। ଦୋକାନ ଭିତରକୁ ଯାଇ ଯାଞ୍ଚ ବେଳେ କ୍ୟାଶ କାଉଣ୍ଟରରେ ରଖାଯାଇଥିବା ୧୫ ହଜାର ୫୦୦ ଟଙ୍କା, ଗୋଟିଏ ଲାପ୍‌ଟପ ଓ ପ୍ରିଣ୍ଟର ଗାଏବ ହୋଇଯାଇଥିଲା। ଲୁଟେରାମାନେ ରାତିରେ ଦୋକାନ ତାଲା ଭାଙ୍ଗି ଭିତରକୁ ପଶିବା ସହ ଟଙ୍କା ଓ ସାମଗ୍ରୀ ଚୋରି କରିଥିବା ନେଇ ସେ ଅଭିଯୋଗ କରିଛନ୍ତି।

# ନିଶାମୁକ୍ତ ଭାରତ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ

- ନିଶା ନିବାରଣ ଓ ବେଆଇନ ଚାଲାଣ ନିରୋଧୀ ଦିବସ
- ଲୋକଙ୍କୁ ସଚେତନ କରିବ ରଥ

ରାୟଗଡ଼ା ଅଫିସ,୨୬।୬

ରାୟଗଡ଼ା ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ନିବାରଣ ଓ ବେଆଇନ ଚାଲାଣ ନିରୋଧୀ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ରାୟଗଡ଼ା ସ୍ଥିତ ଗଜପତି ଛକଠାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ଟୋରିଆ କୁଲୁ, ତହସିଲଦାର ତାପସ ରାଉତ ଉପସ୍ଥିତ ରହି ଏହି ରଥର ଶୁଭାରମ୍ଭ କରିଥିଲେ। ପରେ ନିଶାମୁକ୍ତ ଭାରତ ଅଭିଯାନକୁ ନେଇ ଶପଥ ପାଠ କରାଯାଇଥିଲା।

ଏହି ଉପଲକ୍ଷେ ଏକ ସଚେତନତା ପଦଯାତ୍ରା ବାହାରି ଜିଲା ସଂସ୍କୃତି ଭବନ ଠାରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଯୁବପୀଢ଼ି ପଥଭ୍ରଷ୍ଟ ହେଉଥିବା ଅତିଥିମାନେ କହିବା ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହ ଏହି ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ସଚେତନ କରିଥିଲେ। ଏଥିରେ ଡିଏସ୍‌ପି ସୁଦାମ ମଲ୍ଲିକ, ଡିପିଏଚ୍‌ଓ ଡା. ଭି.ଏଲ୍.ଏନ୍.ରାଜୁ, ଡ୍ରଗ୍ସ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ପ୍ରଫୁଲ୍ଲ କୁମାର ବେହେରା, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଶିକ୍ଷାବିତ ଦୁଷ୍ମନ୍ତ କୁମାର ପ୍ରଧାନ, ନାଟ୍ୟକାର ନରେନ୍ଦ୍ର କୁମାର ମିଶ୍ର, ଅବକାରୀ ନିରୀକ୍ଷକ ସୀମା କିରଣ ବେଗ୍ ପ୍ରମୁଖ ଉପସ୍ଥିତ ରହି ନିଶାଦ୍ରବ୍ୟ ସେବନ ତଥା ବେଆଇନ ନିଶାଦ୍ରବ୍ୟ କାରବାର ବିଷୟରେ ଆଲୋକପାତ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, କନିଷ୍ଠ କିରାଣି ପ୍ରସାଦ ରାଓ ତାମରାପୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାୟଗଡ଼ା ମହିଳା ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ, ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସେବା ନିଶାମୁକ୍ତି କେନ୍ଦ୍ରର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।


ଅତିଥିମାନେ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

## ଘାଟି ତଳକୁ ଓଲଟିଲା ଟ୍ରକ୍, ଭୟରେ ଡ୍ରାଇଭରଙ୍କ ଆତ୍ମହତ୍ୟା

ରାୟଗଡ଼ା ଅଫିସ,୨୬।୬

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ମୁକୁନ୍ଦପୁର ଗାଁରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ନିକଟ ଭାଗୁଡ଼ି ଘାଟିରେ ଏକ ମାଲ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବା ପରେ ଗାଡ଼ି ଚାଳକ ଭୟରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲାର ବସନ୍ତ ନାହାକ(୨୬)।

ଘଟଣାରୁ ପ୍ରକାଶ, ଶନିବାର ରାତିରେ ବସନ୍ତ ରାୟଗଡ଼ା ଜିଲା ଥେରୁବାଲି ସ୍ଥିତ ଇମ୍ଫା କାରଖାନାରୁ ଟ୍ରକ୍(ଓଆର ୧୮ ଏ ୯୫୮୭)ରେ ମାଲ ବୋଝେଇ ଭୁବନେଶ୍ୱର ଯାଉଥିଲା। ମୁକୁନ୍ଦପୁର ନିକଟ ଭାଗୁଡ଼ି ଘାଟିରେ ଗାଡ଼ି ଭାରସାମ୍ୟ ହରାଇ ଘାଟି ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକ୍‌ର ଚେସିସ୍‌ରୁ ଡାଲା ଅଲଗା ହୋଇଯାଇଥିଲା। କୌଣସି ପ୍ରକାରେ ଚାଳକ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ତେବେ ଗାଡ଼ି ନିଜର ହୋଇ ନ ଥିବାରୁ ଚାଳକ ଅତ୍ୟନ୍ତ ଭୟଭୀତ ହୋଇ ଟ୍ରକ୍ ଡାଲାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ, ଚାନ୍ଦିଲି ଥାନାର ଇନ୍ସପେକ୍ଟର ସୀମା ପ୍ରଧାନ ଓ ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ସନ୍ତୋଷ ସିରିକା ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

## ଅବକାରୀ, ମୋବାଇଲ ୟୁନିଟର ଚଢ଼ାଉ, ୩ ଗିରଫ

ପାପଡ଼ାହାଣ୍ଡି,୨୬।୬(ଡି.ଏନ୍.ଏ.)– ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଅବକାରୀ ବିଭାଗ ଓ ଜିଲା ମୋବାଇଲ ୟୁନିଟ ପକ୍ଷରୁ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୫୦ ଲିଟର ଦେଶୀମଦ, ୫୦୦୦ ଲିଟର ପୋଚ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରାୟଗଡ଼ା ଅବକାରୀ ଏସ୍‌ପି ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ଇନ୍ସପେକଟର ସୁଧୀର କୁମାର ସାହୁ, ପାପଡ଼ାହାଣ୍ଡି ଅବକାରୀ ଏସ୍‌ଆଇ ଅମୀୟ ଖଞ୍ଜା, ନବରଙ୍ଗପୁର ଅବକାରୀ ଏସ୍‌ଆଇ ସୁଜିତ କୁମାର ନାଗ ପ୍ରମୁଖ ଚଢ଼ାଉ କରିଥିଲେ। ବ୍ଲକର ଖଜୁରୀ, ବଡ଼ବାର୍ଲି, ମାଝିଗୁଡ଼ା, ମାଳତୀଗୁଡ଼ା, ମୁଣ୍ଡାଗୁଡ଼ା, ମେରେଇ, ଡୁମ୍ବଲ୍ଲା ତାରପାଣି, ଗୁଣ୍ଡିଗୁଡ଼ା ଆଦି ଅଞ୍ଚଳ ଚଢ଼ାଉ କରାଯାଇ କରାଯାଇଥିଲା। ମୁଣ୍ଡରାଗୁଡ଼ା ଗ୍ରାମରୁ ୧୨ ଲିଟର ମଦ ଜବତ କରାଯିବା ସହ ଅଭିଯୁକ୍ତ ରାଇଧର ଜାନୀଙ୍କୁ ଗିରଫ କରାଯାଇଛି। ସେହିପରି ମାଳତୀଗୁଡ଼ା ଗ୍ରାମରୁ ଦେଶୀମଦ ଜବତ କରିବା ସହ ଗୁରୁବନ୍ଧୁ ହରିଜନ(୫୨) ଏବଂ ଖଜୁରୀ ଗ୍ରାମରୁ କୁନ୍ତଳା ନାୟକ (୩୦)ଙ୍କୁ ଗିରଫ କରି ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯିବା ସହ ନୋଟିସ ଦେଇ ଛାଡ଼ି ଦିଆଯାଇଛି।

## ରଥଯାତ୍ରା ନେଇ ଶାବର ଶ୍ରୀକ୍ଷେତ୍ରରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍

କୋରାପୁଟ,୨୬।୬(ସ୍ୱ.ପ୍ର.)

ଆସନ୍ତା ଜୁଲାଇ ୧ ତାରିଖରେ ପୁରୀରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ନିମନ୍ତେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରୁ ପୁରୀର ଶ୍ରୀକ୍ଷେତ୍ର ଧାମକୁ ପୂର୍ବତଟ ରେଳପଥ ପକ୍ଷରୁ ଗୋଟିଏ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ ଚାଲିବ ବୋଲି କୋରାପୁଟ ଷ୍ଟେସନ ମ୍ୟାନେଜର ନନ୍ଦକିଶୋର ଭିତରେ ରବିବାର ସୂଚନା ଦେଇଛନ୍ତି। ଏହି ସ୍ୱତନ୍ତ୍ର ଟ୍ରେନ ଆସନ୍ତା ୩୦ ତାରିଖ ଅପରାହ୍ନରେ ଛତିଶଗଡର ଜଗଦଲପୁରରୁ ବାହାରି ଭାୟା କୋରାପୁଟ ଦେଇ ପୁରୀ ଯାତ୍ରା କରିବ । କୋରାପୁଟ ଷ୍ଟେସନରେ ରାତି ୯ଟାରୁ ବାହାରି ୧ ତାରିଖ ସକାଳ ୧୦ ଟାରେ ପୁରୀରେ ପହଞ୍ଚିବ। ସେହିପରି ପୁରୀରୁ ୧ ତାରିଖ ରାତି ୧୦ଟାରୁ ବାହାରି କୋରାପୁଟରେ ଜୁଲାଇ ୨ ତାରିଖ ସକାଳ ୯ଟାରେ ପହଞ୍ଚିବ ବୋଲି ଜଣାପଡିଛି ।

## ରୌପ୍ୟ ଜୟନ୍ତୀ ଭୁଲିଗଲେ ସ୍କୁଲ କର୍ତ୍ତୃପକ୍ଷ

- ଗାଁ-ଖଲି ଗଢେନ ଉଚ୍ଚ ବିଦ୍ୟାଳୟ
- ଗ୍ରାମଦେବୀଙ୍କ ପାଖେ ପୂଜାର୍ଚ୍ଚନା କଲେ ଗ୍ରାମବାସୀ

ଚନ୍ଦାହାଣ୍ଡି, ୨୬।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ତେନ୍ତୁଳିପଡା ଉଚ୍ଚ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। କିନ୍ତୁ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯଇନାହିଁ। ସ୍କୁଲ କର୍ତ୍ତୃପକ୍ଷ ଏପରି ଏକ ବଡ଼ ଦିନ ଭୁଲି ଯାଇଥିବାବେଳେ ଗ୍ରାମବାସୀ କିନ୍ତୁ ଗ୍ରାମଦେବୀ ମାଁ ଗଢେନଙ୍କ ପାଖରେ ପୂଜାର୍ଚ୍ଚନା କରିଛନ୍ତି।

ସୂଚନାନୁଯାୟୀ, ୧୯୯୭ ଜୁନ୍ ୨୬ରେ ସ୍କୁଲଟି ତତ୍କାଳୀନ ମନ୍ତ୍ରୀ ଯାଦବ ମାଝିଙ୍କ ପୌରହିତ୍ୟରେ ପାନାବେଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ଖଲି ଗଢେନଙ୍କ ନାମରେ ନାମିତ କରାଯାଇ ସ୍ଥାପନ ହୋଇଥିଲା। ତତ୍କାଳୀନ କଳାହାଣ୍ଡି ଜିଲା ଉପନିବନ୍ଧକ ସନ୍ତୋଷ କୁମାର ଜଗତଙ୍କ ବଳିଷ୍ଠ ନେତୃତ୍ୱ ତଥା ସ୍ୱର୍ଗତ ଉଦୟନାଥ ଜଗତ, ସ୍ୱଗତ ଅର୍ଜୁନ ଭୟଂସାଲ, ପ୍ରମୋଦ କୁମାର ପାଢ଼ୀ, ଗୋରେଖ ନାଥ ପୂଜାରୀ, ସ୍ୱର୍ଗତ ଶିବରାତ୍ରି ଝାଙ୍କର, ଲକ୍ଷ୍ମଣ ସୁନା, ନୀଳାମ୍ବର ନିଆଲ, ଶ୍ୟାମଘନ ବେମାଲ, ଅକାଲୁ ଜାଳି, ଗୁଣଧର ମାଝି, ଉଗ୍ରସନ ବେମାଲ, ଧୀରେନ୍ଦ୍ର ଜଗତ, ଥବିର ଜାଲ, ବ୍ରଜ ଦଳେଇ, କଂସ ସମରଥ ଏବଂ ସ୍ୱର୍ଗତ ଭୀମ ବିଶିଙ୍କ ପ୍ରଚେଷ୍ଟାରେ ଏହି ବିଦ୍ୟାଳୟ ଗଢି ଉଠିଥିଲା। ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ପକ୍ଷରୁ ୨୦୧୪ରେ ଏହି ବିଦ୍ୟାଳୟ ନୂତନ ଅନୁଦାନରେ ସାମିଲ ହୋଇଥିଲା। ତତ୍କାଳୀନ ମନ୍ତ୍ରୀ ତଥା ଅଧୁନା ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ପ୍ରଚେଷ୍ଟାରେ ୨୦୧୯ରେ ୧୧୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ସ୍ଥାପନ ହୋଇଛି। ଛାତ୍ରୀଛାତ୍ରମାନଙ୍କ ପାଇଁ ଧୀରେନ୍ଦ୍ର କୁମାର ଜଗତ ବିଦ୍ୟାଳୟରେ ଏକ ପାଠଗାର ସ୍ଥାପନ କରିଥିଲେ। ସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ନ କରିବାନେଇ ପ୍ରଧାନଶିକ୍ଷକ ଦିଗାମ୍ବର ସାହୁଙ୍କୁ ପଚାରିବାରୁ ଆମର ଏହା ବ୍ଲକଗ୍ରାଣ୍ଟ ସ୍କୁଲ। ଏଠାରେ ପିଲା ସଂଖ୍ୟା କମ୍। ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ଅନୁଦାନ ମିଳେନାହିଁ। ସ୍କୁଲ ଫଣ୍ଡରେ ମଧ ଅର୍ଥ ଅଭାବ ଯୋଗୁ ଜୟନ୍ତୀ ପାଳନ କରିନାହୁଁ। ଏଥିପାଇଁ ଦୁଃଖିତ ବୋଲି ସେ କହିଛନ୍ତି।



ପୂଜାର୍ଚ୍ଚନା କରିବାକୁ ମନ୍ଦିରକୁ ଆସିଥିବା ଗ୍ରାମବାସୀ ।

## ୩ ନଂ. ଜୋନ୍‌ରୁ ନାଗଭୂଷଣ, ୮ ନଂ. ରୁ ପ୍ରଶାନ୍ତ ବିଜୟୀ

**ଗୃହ ନିର୍ମାଣ ସମବାୟ ସମିତି ଲିଃ ସଭ୍ୟାସଭ୍ୟ ନିର୍ବାଚନ**

ଗୁଣପୁର,୨୬।୬(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଣପୁର ଗୃହ ନିର୍ମାଣ ସମବାୟ ସମିତି ଲିଃ ପରିଚାଳନା ପରିଷଦର ଦୁଇଟି ସଭ୍ୟ ପଦ ପାଇଁ ରବିବାର ନିର୍ବାଚନ ହୋଇଥିଲା। ଏଥିରେ ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ଦ୍ୱାରା ସମର୍ଥିତ ଦୁଇ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ୩ ନଂ. ଜୋନ୍ ପାଇଁ ପ୍ରେମ ପ୍ରସାଦ ପଣ୍ଡା ଓ ଟି. ନାଗଭୂଷଣ ରାଓଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ଜୋନ୍‌ରେ ୪୩ ଭୋଟର ଥିବାବେଳେ ୧୦ ଜଣ ନିଜର ମତଦାନ କରିଥିଲେ। ନାଗଭୂଷଣ ୯ ଖଣ୍ଡ ଭୋଟ ପାଇଥିବାବେଳେ ପ୍ରେମ ପ୍ରସାଦ ଗୋଟିଏ ଭୋଟ ପାଇଥିଲେ। ସେହିପରି ୮ ନଂ ଜୋନ୍ ପାଇଁ ପ୍ରଦୀପ କୁମାର ଦାସ ଓ ପ୍ରଶାନ୍ତ କୁମାର ପଟ୍ଟାୟକଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ୪୩ ଭୋଟରଙ୍କ ମଧ୍ୟରୁ ୧୦ ଜଣ ଭୋଟ ଦେଇଥିଲେ। ସେଥିରୁ ପ୍ରଶାନ୍ତ ପଟ୍ଟନାୟକ ୬ ଖଣ୍ଡ ଭୋଟ ପାଇଥିବାବେଳେ ପ୍ରଦୀପ ଦାସ ୪ଟି ଭୋଟ ପାଇଥିଲେ। ୧୫ ନିର୍ବାଚନ ମଣ୍ଡଳୀରୁ ଗୋଟିଏ ଆସନ ଖାଲି ରହିଥିଲା। ୧୪ଟି ନିର୍ବାଚନ ମଣ୍ଡଳୀ ପାଇଁ ୨୦ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ଗୋଟିଏ ଲେଖାଏ ନାମାଙ୍କନ ପତ୍ର ଦାଖଲ ହୋଇଥିବାରୁ ପୂର୍ବରୁ ୮ ଜଣ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ନାମାଙ୍କନ ପତ୍ର ଯାଞ୍ଚ ସମୟରେ ବୃନ୍ଦାବନ ସେନାପତିଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିଲା। ଫଳରେ ଆଉ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ଏହିପରି ମୋଟ ୯ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ୫ଟି ରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା ପାଇଁ ରହିଥିଲେ। ଦେବେନ୍ଦ୍ର ଚୌଧୁରୀ, ସୁରେନ୍ଦ୍ର ବେହେରା ଏବଂ ଏଲ୍.ସନମୁଖା ରାଓ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିଲେ। ୩ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ସମୁଦାୟ ୧୨ ଜଣ ଅପ୍ରତିଦ୍ୱନ୍ଦ୍ୱୀ ତଥା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ସେମାନେ ହେଲେ ସୁନିଲ ଦାସ, ଶିବ ପ୍ରସାଦ ଗୌଡ଼, ଗୌରିଶଙ୍କର ଦାସ, ଅକ୍ଷୟ ଶତପଥୀ, ରାଜେନ୍ଦ୍ର ପ୍ରସାଦ ସାହୁକାର, ବିଜୟ କୁମାର ସାହୁକାର, ପ୍ରଭାତ ପାଣିଗ୍ରାହୀ, ଏ. ଭାନଜି ରାଓ, ସୁଜାତା ପଟ୍ଟନାୟକ, ପି. ଉମା, ଗୋପାଳ ଶ୍ରୀରାମ ଏବଂ କେ. ଶ୍ରୀନିବାସ ରାଓ। ଜୁଲାଇ ୫ରେ ସଭାପତି ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହେବ।

## ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଳାଇ ୬୫ ଜଣ ଦେଲେ ଜରିମାନା

ବ୍ରହ୍ମପୁର ଅଫିସ,୨୬।୬

ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସାବାଡ଼ କରିବା ପାଇଁ ପୋଲିସ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିଛି। ରଙ୍ଗ୍ ପାର୍କିଂ, ଟ୍ରିପଲ ରାଇଡିଂ, ରଙ୍ଗ୍ ରୁଟରେ ଗାଡ଼ି ଚଳାଉଥିବା ଚାଳକମାନଙ୍କଠାରୁ ଜରିମାନା ଆଦାୟ କରିଛି। ଏହି ଧାରାରେ ଗୋଟିଏ ଦିନରେ ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଳାଉ ଥିବା ୬୫ ଗାଡ଼ି ଚାଳକଙ୍କଠାରୁ ୩୨,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିମଧ୍ୟରେ ୬୨ ଦୁଇଚକିଆ ଗାଡ଼ି ଚାଳକ ଥିବା ବେଳେ ୩ ଜଣ କାର ଚାଳକ ରହିଛନ୍ତି ।

## ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟଙ୍କ ପ୍ରାକଟ୍ୟ ଦିବସ

ଗୁଣପୁର,୨୬।୬(ଡି.ଏନ୍.ଏ.)

ଗୁଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୁରୀ ଗୋବର୍ଦ୍ଧନ ମଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୮୦ ତମ ପ୍ରାକଟ୍ୟ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଦିବସକୁ ରାଜ୍ୟ ସମେତ ଦେଶ ଏବଂ ନେପାଳ, ଇଣ୍ଡୋନେସିଆର ବିଭିନ୍ନ ସ୍ଥାନରେ ରାଷ୍ଟ୍ର ଉତ୍କର୍ଷ ଦିବସ ଭାବେ ପାଳନ କରାଯାଇଛି। ସେ ସନାତନ ଏବଂ ବୈଦିକ ଧର୍ମର ମୂଳ ଉପଦେଷ୍ଟା ଅଟନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ ପୀଠ ପରିଷଦ, ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ହିନ୍ଦୁ ରାଷ୍ଟ୍ର ସଂଘ ପକ୍ଷରୁ ଏହି କାର୍ଯ୍ୟ ବିଧିପୂର୍ବକ ପାଳନ ହୋଇଥିଲା।

ଏଥିରେ ରାଷ୍ଟ୍ରରକ୍ଷା ଓ ଧର୍ମରକ୍ଷା ସମ୍ପର୍କରେ ଆଲୋଚନା ସହ ଗୁରୁଜୀଙ୍କ ୮୦ ତମ ପ୍ରାକଟ୍ୟ ଦିବସରେ ସମ୍ପାଦନ କରାଯାଇଥିବା ସମସ୍ତ କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସୂଚନା ଦିଆଯାଇଥିଲା। ରଥଯାତ୍ରା ଉପଲକ୍ଷେ ଆଦିତ୍ୟ ବାହିନୀ ପକ୍ଷରୁ ଗୁଣପୁର ରଥଯାତ୍ରା ସମୟରେ ମାଗଣା ପୀଠ ପରିଷଦର ରାଜ୍ୟ ଉପାଧକ୍ଷ ତ୍ରିପତି ମହାନ୍ତି, ରାୟଗଡ଼ା ଜିଲା ଆଦିତ୍ୟ ବାହିନୀର କ୍ଷେତ୍ରୀୟ ସମ୍ପାଦକ ଦେବବ୍ରତ ଆଚାର୍ଯ୍ୟ, ନଗର ସଭାପତି ତ୍ରିପତି ରଥଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଆର୍‌ଏସ୍‌ଏସ୍‌ର ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରି ପ୍ରମୁଖ ଯୋଗ ଦେଇଥିଲେ।

## ହରିଭାଇ ଆର୍ଯ୍ୟନଙ୍କୁ ରାଷ୍ଟ୍ରୀୟ ଯୋଗ ଗୌରବ ସମ୍ମାନ

ମୁନିଗୁଡ଼ା,୨୬।୬(ଡି.ଏନ୍.ଏ.)

ଧାର୍ମିକ ନଗରୀ ଉଜ୍ଜୟିନୀ ଠାରେ ବିକ୍ରମ ବିଶ୍ୱବିଦ୍ୟାଳୟ ଓ ଏଭି ଯୋଗ ଇନ୍‌ଷ୍ଟିଚ୍ୟୁଟ ଇଣ୍ଟରନ୍ୟାଶନାଲର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଯୋଗ ଗୌରବ ସମ୍ମାନ–୨୦୨୨ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ ବାହାରୁ ଆସିଥିବା ଯୋଗାଚାର୍ଯ୍ୟ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବ୍ୟତୀତ ଭାରତର ୨୭ ରାଜ୍ୟରୁ ୭୫ଜଣ ସଫଳ ଯୋଗାଚାର୍ଯ୍ୟ ଓ ଆଧ୍ୟାତ୍ମିକ ବ୍ୟକ୍ତିଙ୍କୁ ରାଷ୍ଟ୍ରୀୟ ଯୋଗ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ସମାବେଶରେ ଓଡ଼ିଶାର ପୁରପଲ୍ଲୀରେ ଯୋଗ ଓ ଆଧ୍ୟାତ୍ମିକତାର ଚେତନା ଜାଗ୍ରତ କରିଥିବା ଯୁବ ଯୋଗାଚାର୍ଯ୍ୟ ହରିଭାଇ ଆର୍ଯ୍ୟନ୍‌ଙ୍କୁ ମଧ ସମ୍ମାନିତ କରାଯାଇଛି। ତାଙ୍କର ଜୀବନବ୍ୟାପୀ ଯୋଗାଚାର୍ଯ୍ୟ, ଏହାର ପ୍ରଚାର, ପ୍ରସାର ଓ ଆଧ୍ୟାତ୍ମିକତାର ମାର୍ଗ ପ୍ରଶସ୍ତି ପାଇଁ ଅଙ୍ଗବସ୍ତ୍ର, ମାନପତ୍ର, ପଦକ ଓ ଦକ୍ଷିଣା ରାଶି ପ୍ରଦାନ କରି ସମ୍ମାନିତ କରାଯାଇଛି। ଏହି ସମ୍ମାନ ପାଇଁ ମୁନିଗୁଡ଼ା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ଆଖିଳେଶ କୁମାର ପାଣ୍ଡେ, ସମ୍ମାନିତ ଅତିଥି ପ୍ରଶାନ୍ତ ପୌରାଣିକ, ଏସ୍.କେ. ମିଶ୍ର ଉପସ୍ଥିତ ଥିବାବେଳେ ରାଷ୍ଟ୍ରୀୟ କବି ଶୁଭମ ସ୍ୱରାଜ ସଂଯୋଜନା କରିଥିଲେ।


ରାଷ୍ଟ୍ରୀୟ ଯୋଗ ଗୌରବ ସମ୍ମାନ ସହ ହରିଭାଇ ଆର୍ଯ୍ୟନ୍।

## ୪ବର୍ଷ ହେବ ସରିପାରୁନି ୫୬ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ

- ଅଧାପନ୍ତରିଆଭାବେ ପଡ଼ି ରହିଛି ସବୁ କାମ
- ବର୍ଷକୁ ଭଡ଼ା ବାବଦକୁ ଦେବାକୁ ପଡୁଛି ୨ ଲକ୍ଷ ୫୦ ହଜାର

ତେନ୍ତୁଳିଖୁଣ୍ଟି, ୨୬।୬(ଡି.ଏନ୍.ଏ.)

ପିଲାମାନଙ୍କୁ ସ୍କୁଲ ପୂର୍ବରୁ ଶୈକ୍ଷିକ ବାତାବରଣରେ ଖାପ ଖୁଆଇବା ଲାଗି ସରକାର ଅଙ୍ଗନୱାଡିର ପରିକଳ୍ପନା କରିଥିଲେ। ଏଠାରେ ପାଠପଢ଼ା ସହ ଶିଶୁଙ୍କୁ ସୁଷମ ଖାଦ୍ୟ ଓ ତାଙ୍କ ଯତ୍ନ ନେବା ପାଇଁ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କୁ ନିଯୁକ୍ତି ଦିଆଯାଏ। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ୧୯୬ ଅଙ୍ଗନୱାଡି ଓ ୮ଟି ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୫୬ଟି ନିର୍ମାଣାଧୀନ ଅବସ୍ଥାରେ। ଉକ୍ତ ଅଙ୍ଗନୱାଡି କେନ୍ଦ୍ର କାମ ୨୦୧୮–୧୯ରେ ଆରମ୍ଭ ହୋଇଥିଲେ ସୁଦ୍ଧା ତାହା ଏ ପର୍ଯ୍ୟନ୍ତ ସରିପାରୁନାହିଁ। ବ୍ଲକ ପ୍ରଶାସନ ଏ ଦିଗରେ ଅବଗତ ଅଛନ୍ତି ନା ନାହିଁ, ଠିକାଦାରଙ୍କୁ ପ୍ରାପ୍ୟ ଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଚାପ ପଡୁଛି କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଏପଟେ ସରକାର ସ୍ଥାୟୀ ଅଙ୍ଗନୱାଡି ଗୃହ ନଥିବା ହେତୁ ତେନ୍ତୁଳିଖୁଣ୍ଟି ବ୍ଲକରେ ବର୍ଷକରେ ଘର ଭଡା ବାବଦରେ ୨ଲକ୍ଷ ୫୦ ହଜାର ପ୍ରଦାନ କରୁଥିବା ଜଣାପଡିଛି। ତେନ୍ତୁଳିଖୁଣ୍ଟି ବ୍ଲକର ୧୦ ଅଙ୍ଗନୱାଡି ପିଲା ପ୍ରାଥମିକ ବିଦ୍ୟାଳୟରେ ଓ ୭ଗାଁର ଗୋଷ୍ଠୀ କେନ୍ଦ୍ରରେ ପଢୁଛନ୍ତି। ୮ଟି ଅଙ୍ଗନୱାଡି କେନ୍ଦ୍ର ଅସ୍ଥାୟୀ ଭଡ଼ାଘରେ ଚାଲିଛି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ନିର୍ମାଣ କାର୍ଯ୍ୟ ଶୀଘ୍ର କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ଏ ନେଇ ସହକାରୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ୍‌ଙ୍କୁ ପଚାରିବାରୁ କହିଲେ, ୫୬ଟି ଗୃହ ମଧ୍ୟରୁ ଚାରିଟି ସମ୍ପୂର୍ଣ୍ଣ ହୋଇଛି। ୭ଟି ଆରମ୍ଭ ହୋଇନି। ବାକି ସ୍ଥିତି ଦେଖିଲେ କହିପାରିବେ ବୋଲି ସେ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମ୍ୟାଟେରିଆଲ ପାଇଁ ଅର୍ଥ ନ ଥିବାରୁ କିଛି କେନ୍ଦ୍ର ସମ୍ପୂର୍ଣ୍ଣ ହୋଇ ନ ଥିବ ବୋଲି ସେ କହିଛନ୍ତି।


ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର ।

## ସଂକ୍ଷେପରେ

### ଗଛରୁ ପଡ଼ି ନାବାଳକ ଗୁରୁତର

ଦଶମନ୍ତପୁର, ୨୬।୬ (ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକ୍ଵାନ୍ଧ ପଞ୍ଚାୟତର ଥିବା ଉପର ଗୋଦଲା ଗ୍ରାମରେ ଜଣେ ନାବାଳକ ଏକ ପଣସ ଗଛରୁ ପଡ଼ି ଗୁରୁତର ହୋଇଛନ୍ତି। ବାସୁପତି ମୁଦୁଲିଙ୍କ ପୁଅ କଣ୍ଢେଶର(୭) ଗ୍ରାମର ମଣ୍ଟୁ ଦିଶାରୀ ଓ ଅର୍ଜୁନ ଦିଶାରୀଙ୍କ ସହ ଅପରାହ୍ନ ଗୋଟାଏରେ ସାହିମୁଣ୍ଡରେ ଥିବା ପଣସଗଛକୁ ପଣସ ତୋଳିବାକୁ ଯାଇଥିଲେ। ପଣସ ତୋଳୁଥିବା ବେଳେ ସେ ଛିଡା ହୋଇଥିବା ଡାଳଟି ଭାଙ୍ଗି ଯାଇଥିଲା। ଫଳରେ କଣ୍ଢେଶର ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ କଣ୍ଢେଶର ସୁସ୍ଥ ଥିବା ଜଣାପଡ଼ିଛି।

### ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମକୁ ନିର୍ଯାତନା ଅଭିଯୋଗ

ଜୟପୁର,୨୬।୬ (ନି.ପ୍ର.)- ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ସ୍ୱାମୀ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ସୁନାବେଡାର ଅଞ୍ଜୁ ଖରା ମହିଳା ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ୧୩ ବର୍ଷ ତଳେ ମନୋଜ ଖରାଙ୍କୁ ସେ ବିବାହ କରିଥିଲେ। ଗତ ୬ ମାସ ହେଲା ମନୋଜ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ତାଙ୍କୁ ନିର୍ଯାତନା ଦେଉଛନ୍ତି। ଏପରିକି ତାଙ୍କୁ ଓ ତାଙ୍କର ୩ ସନ୍ତାନଙ୍କୁ ମନୋଜ ଏବଂ ତାଙ୍କ ପରିବାର ଲୋକେ ଘରୁ ବାହାର କରି ଦେଇଛନ୍ତି। ଅଞ୍ଜୁଙ୍କ ଅଭିଯୋଗକୁ ଭିତ୍ତି କରି ୫ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ବୈପାରିଗୁଡା ସମବାୟ ସମିତି ୪ ଆସନରେ ହେଲା ନିର୍ବାଚନ

ବୈପାରୀଗୁଡା,୨୬।୬(ଡି.ଏନ.ଏ.)- ରବିବାର ବୈପାରିଗୁଡା ବୃହଦାକାର ବହୁମୁଖୀ ସମବାୟ ସମିତିର ବୋର୍ଡ ଅଫ୍ ଡାଇରେକ୍ଟରସ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲଶ। ୧୫ଟି ପଦବୀରୁ ପୂର୍ବରୁ ୧୧ ଜଣ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଥିବା ବେଳେ ଅବଶିଷ୍ଟ ୪ଟି ଆସନ ବୋଦାପୁଟ, ଚିପାକୁର, ହଳଦୀକୁଣ୍ଡ ଓ କେନ୍ଦୁଗୁଡା ପାଇଁ ନିର୍ବାଚନ ହୋଇଥିଲା। ଚିପାକୁର ଆସନରେ ତ୍ରିଲୋଚନ ଜେନା ତାଙ୍କ ପ୍ରତିଦ୍ୱନ୍ଦ୍ୱି ଚନ୍ଦ୍ରେଶେଖର ରଥଙ୍କୁ ହରାଇ ନିର୍ବାଚିତ ହୋଇଥିଲେ। ଜେନା ୧୯ ଖଣ୍ଡ ଭୋଟ୍ ପାଇଥିବା ବେଳେ ରଥ ୯ ଖଣ୍ଡ ଭୋଟ୍ ପାଇଥିଲେ। ବୋଦାପୁଟ୍ ଆସନରୁ ମନୋଜ ମହାପାତ୍ର ତାଙ୍କ ପ୍ରତିଦ୍ୱନ୍ଦ୍ୱି ଶ୍ୟାମ ସୁନ୍ଦର ଚାଲାଣଙ୍କୁ ହରାଇଥିଲେ। ମହାପାତ୍ର ୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ଚାଲାଣ ୭ଖଣ୍ଡ ଭୋଟ ପାଇଥିଲେ। ସେହିପରି କେନ୍ଦୁଗୁଡା ଆସନରୁ କମଳି କତଲି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଅମ୍ବିକା ନାୟକଙ୍କୁ ପରାଜିତ କରିଥିଲେ। କମଳି ୨୭ ଖଣ୍ଡ ଭୋଟ୍ ପାଇଥିବା ବେଳେ ଅମ୍ବିକା ୧୩ଖଣ୍ଡ ଭୋଟ୍ ପାଇଥିଲେ। ହଳଦୀକୁଣ୍ଡ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉଭୟ ପ୍ରାର୍ଥୀ ଗୌର ଚନ୍ଦ୍ର ପାତ୍ର ଓ ହରିହର ନାୟକ ୩ ଖଣ୍ଡ ଲେଖାଏ ଭୋଟ ପାଇ ସମାନ ସମାନ ସ୍ଥିତିରେ ରହିଥିଲେ। ତେବେ ଧର୍ମଗୁଳା ମାଧମରେ ନିର୍ବାଚନ କରିବାକୁ ନାୟକ ସମ୍ମତି ଦେଇ ନ ଥିଲେ। ଫଳରେ ହଳଦୀକୁଣ୍ଡ ଆସନରେ କୌଣସି ନିଷ୍ପତି ହୋଇପାରିନାହିଁ।

# ୧ରେ ବିକ୍ରମଦେବ ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

ଜୟପୁର,୨୬।୬ (ନି.ପ୍ର.)

ଜୁଲାଇ ୧ରେ ବିକ୍ରମଦେବ ମହାବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉତ୍ସବ (ପ୍ଲାଟିନମ୍ ଜୁବିଲି) ପାଳନ ହେବ। ଏନେଇ ରବିବାର କଲେଜ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ବିଧାୟକ ତାରାପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି। ଜୁଲାଇ ୧ରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଏହା ପରଠାରୁ ଡିସେମ୍ବର ୧୧ ଯାଏ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦ, ଝୋଟି, ପିଠା ପ୍ରତିଯୋଗିତା ହେବ। ଶେଷରେ ୪ ଦିନ ଧରି ମୁଖ୍ୟ ଉତ୍ସବ ପାଳନ କରାଯାଇ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦ୍‌ଘାଟନ କରିବେ।

ପ୍ରଥମେ ଜୟପୁର ରଜାନଅରରେ ଥିବା ଅଧିଷ୍ଠାତ୍ରୀ କନକଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରି ରାଣୀ ମା' ମଶାଲ ଲଗାଇବେ। ସେଠାରୁ ମୁଖ୍ୟ ରାସ୍ତା ଦେଇ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିବ। ଉଚ୍ଚ ଶିକ୍ଷାମନ୍ତ୍ରୀ, କୋରାପୁଟ ଜିଲାପାଳ, ଅବିଭକ୍ତ କୋରାପୁଟ ଜିଲା ବିଧାୟକମାନେ ଏଥିରେ ସାମିଲ ହେବେ। ଶୋଭାଯାତ୍ରାରେ ଜିଲାର ପାରମ୍ପରିକ ବାଦ୍ୟ, ଆଦିବାସୀ ନାଚ ଦୁରୁଆ, ଢେମ୍‌ସା ଆଦି ପ୍ରଦର୍ଶିତ ହେବ। ଶୋଭାଯାତ୍ରା କଲେଜରେ ପହଞ୍ଚିବା ପରେ ଉତ୍ସବ ଉଦ୍‌ଘାଟନ ହେବ ବୋଲି ସ୍ଥିର ହୋଇଥିବା ବାହିନୀପତି କହିଛନ୍ତି। ପରବର୍ତ୍ତୀ ସମୟରେ ଅବିଭକ୍ତ କୋରାପୁଟ ଜିଲାର ୫୮ଟି କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟ୍‌ବଲ, କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଆଥ୍‌ଲେଟିକ ମିଟ୍ ହେବ। ପୂର୍ବତନ ଛାତ୍ରଙ୍କ ମଧ୍ୟରେ ଡିବେଟ, ଗୀତ, ନୃତ୍ୟ, ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତା କରାଯିବ। ବିଜ୍ଞାନ ମେଳା, ଚିତ୍ରକଳା ପ୍ରତିଯୋଗିତା, ଡ୍ରାମା, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିର କରାଯିବ। ଶେଷ ୪ ଦିନ ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳନ ହେବ। ମୁଖ୍ୟ ଉତ୍ସବରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀମାନେ ଅତିଥି ରୂପେ ରହିବେ ବୋଲି ବାହିନୀପତି ସୂଚନା ଦେଇଛନ୍ତି। କଲେଜର ଦିୱାନ ବଙ୍ଗଳା ଓ ବିକ୍ରମଦେବ ବର୍ମାଙ୍କ ଫଟୋ ଚିତ୍ରକୁ ନେଇ ୭୫ ବର୍ଷ ପୂର୍ତ୍ତି ଉତ୍ସବର ଲୋଗୋ ଉନ୍ମୋଚନ ହେବ। ମହାବିଦ୍ୟାଳୟର ପ୍ରାକ୍ତନ୍ ଏବଂ ଅଧ୍ୟୟନରତ ସମସ୍ତ ଛାତ୍ରୀଛାତ୍ର ଏଥିରେ ଯୋଗ ଦେବାକୁ ବିଧାୟକ ବାହିନୀପତି ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ଗୋପାଳ ହାଲଦାର, ଆୟୋଜକ କମିଟିର ସଭାପତି ବିଜି ରାୟ ଜେନାଦେଓ, ଉପ ସଭାପତି ସୁଧାକର ପଟ୍ଟନାୟକ, ଏଲଟି ଜେନେରାଲ ନାରାୟଣ ମହାନ୍ତି, ହିମାଂଶୁ ମହାପାତ୍ର, ସନ୍ତୋଷ ସାହୁ, କୁନି ଅଧିକାରୀ, ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି ସୂଚନା ଦେଉଛନ୍ତି।

- ଭର୍ଚୁଆଲ ମୋଡ୍‌ରେ ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ
- ବିଭିନ୍ନ ଦିବସରେ ପ୍ରତିଯୋଗିତା ସହ ୪ଦିନ ହେବ ମୁଖ୍ୟ ଉତ୍ସବ
- ରଜାନଅରଠାରୁ ବାହାରିବ ବିଶାଳ ଶୋଭାଯାତ୍ରା

# ନିଶାନିବାରଣ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା

ଜୟପୁର,୨୬।୬ (ନି.ପ୍ର.)

ଅନ୍ତର୍ଜାତୀୟ ନିଶାନିବାରଣ ଦିବସ ଉପଲକ୍ଷେ ଜୟପୁର ଉପଖଣ୍ଡ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଜାନଅରଠାରୁ ଏହି ଶୋଭାଯାତ୍ରା ବାହାରି ଟାଉନ ଥାନା ପର୍ଯ୍ୟନ୍ତ ଯାଇଥିଲା। ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଯୁବପିଢ଼ି ମଧ୍ୟରୁ କେତେକେ ନିଶାର କବଳିତ ହୋଇ ବିଭିନ୍ନ ଆପରାଧିକ ଘଟଣାରେ ଜଡ଼ିତ ରହୁଛନ୍ତି। ସେମାନେ ନିଶାଠାରୁ ଦୂରେଇ ରହି ନିଜ ପରିବାର ଓ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ସଚେତନ କରାଯାଇଥିଲା। ଶୋଭାଯାତ୍ରାରେ ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀଙ୍କ ସମେତ ଏନ୍‌ସିସି କ୍ୟାଡେଟ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ସାମିଲ ହୋଇଥିଲେ।


ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଅନ୍ତର୍ଜାତୀୟ ନିଷିଦ୍ଧ ନିଶ୍ଚେତକ ନିଶାଦ୍ରବ୍ୟର ଅପବ୍ୟବହାର, ଚୋରାଚାଲାଣ ବିରୋଧ ଦିବସ

ମାଲକାନଗିରି,୨୬।୬(ଡିଏନଏ):

ମାଲକାନଗିରି ମହାବିଦ୍ୟାଳୟରେ ଜିଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ନିଷିଦ୍ଧ ନିଶ୍ଚେତକ ନିଶାଦ୍ରବ୍ୟ ଅପବ୍ୟବହାର ଓ ଚୋରାଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ,ଅନିନ୍ଦିତା ରାୟ, ରବି କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆନ୍ତଃ ଜିଲା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅଧ୍ୟକ୍ଷ ଅଶୋକ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି ପ୍ରତିଯୋଗିତାରେ ମାଲକାନଗିରି ମହାବିଦ୍ୟାଳୟ, ଘଡେଇ ଆବାସିକ ମହାବିଦ୍ୟାଳୟ, ସତ୍ୟନାରାୟଣ ଆବାସିକ ମହାବିଦ୍ୟାଳୟ, ବାଲିମେଳା ମହାବିଦ୍ୟାଳୟ, ଶ୍ୟାମ ପ୍ରସାଦ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଜିଲା ରେଡ଼କ୍ରସର ଆବାହକ ଡ. ରଞ୍ଜନକୁମାର ସ୍ୱାଇଁ ପରିଚାଳନା କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଘଡେଇ ଆବାସିକ ମହାବିଦ୍ୟାଳୟର ଜୋତ୍ସ୍ନାରାଣୀ ଗୌଡ଼ ପ୍ରଥମ, ରେବା ହାଲଦାର ଦ୍ୱିତୀୟ, ମଡେଲ କଲେଜର କ୍ରିଷ୍ଣା ମଜୁମଦାର ଓ ମାଲକାନଗିରି ମହାବିଦ୍ୟାଳୟର ଶୁଭବିଶ୍ୱାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ତର୍କ ପ୍ରତିଯୋଗିତାରେ ଶୁଭ ବିଶ୍ୱାସ ପ୍ରଥମ, ହେମା ମଜୁମଦାର ଦ୍ୱିତୀୟ ଓ ସ୍ନେହିତା ବୈଦ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀବାହିନୀର ସ୍ୱେଚ୍ଛାସେବୀ ଏବଂ ମାଲକାନଗିରି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରମୀୟ ମହାନ୍ତି, ତପନ ବେହେରା, ପ୍ରଦୀପ ରୋମ୍ ଓ ଗୋକୁଳାନନ୍ଦ ପାତ୍ର ସହାୟତା କରିଥିଲେ।

# ଅସହାୟ ଅବସ୍ଥାରେ ୪ ପିଲାଙ୍କୁ ଧରି ଚଳୁଛନ୍ତି ରାମେ

ମାଲକାନଗିରି,୨୬।୬(ଡି.ଏନ.ଏ.)

ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କେତେକ କ୍ଷେତରେ ସ୍ଥାନୀୟ ପ୍ରଶାସନର ଅବହେଳା ଓ ଉଦାସୀନତା ଯୋଗୁ ଏହି ବର୍ଗର ଲୋକେ ଯୋଜନାରୁ ଉପକୃତ ହୋଇପାରୁନାହାନ୍ତି। ଏପରି ଏକ ପରିବାର ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଶିଖପାଲି ପଞ୍ଚାୟତର ଆଦର୍ଶ ଗ୍ରାମ କୋଡେଲ ମେଟଲରେ। ଏହି ଗ୍ରାମରେ ପ୍ରଶାସନର ଅବହେଳା ଯୋଗୁ କୌଣସି ସରକାରୀ ସୁବିଧା ସୁଯୋଗ ପାଇପାରିନାହାନ୍ତି ଓମେ ପଡିଆମୀଙ୍କ ପରିବାର। ବିଭିନ୍ନ ସମସ୍ୟା ମଧ୍ୟରେ ବଞ୍ଚିବା ପାଇଁ ୪ ସନ୍ତାନଙ୍କୁ ଧରି ସଂଘର୍ଷ କରୁଛନ୍ତି। ୨ବର୍ଷ ତଳେ ଟିବି ରୋଗରେ ପୀଡିତ ହୋଇ ଓମେଙ୍କ ସ୍ୱାମୀ ଦୁଲା ମୃତ୍ୟୁବରଣ କରିଥିଲେ। ସେବେଠାରୁ ଓମେ ପିଲାଙ୍କୁ ମଣିଷ କରିବା ଲାଗି କେବେ ମୂଲ ମଜୁରି ଲାଗୁଛନ୍ତି ତ କେବେ ଚାଷ କାମ କରୁଛନ୍ତି। ଓମେଙ୍କ ବଡପୁଅ (୧୪) ଏବେ ପାଠ ପଢାଛାଡି ମା'ଙ୍କୁ କାମରେ ସାହାଯ୍ୟ କରୁଛନ୍ତି। ବହି ଖାତା ଧରୁଥିବା ହାତରେ ଲଙ୍ଗଳ, କୁରାଢ଼ି ଧରି ସେ ଜମିରେ ମା'ଙ୍କସହ କାମ କରୁଛନ୍ତି। ଜଙ୍ଗଲକୁ ଯାଇ କାଠ ହାଣି ଆଣୁଛନ୍ତି। ବଡପୁଅ ଭାବରେ ତାଙ୍କ ତଳକୁ ଥିବା ନିଜ ୩ ଭାଇଙ୍କ ଭବିଷ୍ୟତ ଗଢ଼ିବା ପାଇଁ ପଣ କରିଛନ୍ତ। ଓମେ ପରିବାରକୁ କେବଳ ସରକାରୀ ସହାୟତା ଭାବେ ଚାଉଳ ବ୍ୟତୀତ ଆଉ କିଛି ସୁବିଧା ମିଳୁନାହିଁ। ଅସହାୟ ପରିବାରକୁ ଆବାସ ଘର ଦେବା ନେଇ ଯୋଜନା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଓମେଙ୍କ ପରିବାରକୁ ତାହା ମିଳିନାହିଁ। ଫଳରେ ମାଟିଝାଟିର ତାଳପତ୍ରରେ ଛପର ହୋଇଥିବା ଏକ ଭଙ୍ଗା ଘରେ ୪ ପିଲାଙ୍କୁ ଧରି ରହୁଛନ୍ତି ସେ। ଏ ସମ୍ପର୍କରେ ମାଲକାନଗିରି ବିଡିଓ ଅଜୟ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ସମ୍ପୃକ୍ତ ପରିବାରର ସମସ୍ୟା ସେ ଖୁବ୍ ଶୀଘ୍ର ସମାଧାନ କରିବେ।


ଝାଟିମାଟି ତାଳପତ୍ର ଛପର ଘରେ ପିଲାଙ୍କ ସହ ଓମେ।

**ପ୍ରଶାସନର ଅବହେଳା ରୋକୁଛି ବିକାଶ**
- ପାଠ ପଢାଛାଡି ମା'ଙ୍କୁ ସାହାଯ୍ୟ କରୁଛନ୍ତି ବଡପୁଅ
- ଝାଟିମାଟି ତାଳପତ୍ର ଛପର ଘରେ ବିତୁଛି ଜୀବନ
- ଖୁବ୍ ଶୀଘ୍ର ସହାୟତା ଯୋଗାଇ ଦିଆଯିବ: ବିଡିଓ

### ଗୋପୀ ପାଙ୍ଗୀ କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି

କୁଡୁମୁଲୁଗୁମ୍ମା,୨୬।୬(ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ବୃହଦାକାର ସମବାୟ ସମିତି ଲିଃ (ଲ୍ୟାମ୍ପ)ର ସଭାପତି ଭାବେ ଗୋପୀ ପାଙ୍ଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୮ ନମ୍ବର ନିର୍ବାଚନ ମଣ୍ଡଳୀର ସଦସ୍ୟ ପାଇଁ ଗୋପୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଧାର୍ଯ୍ୟ ସମୟସୀମା ଦିନ ୧୨ଟା ସୁଦ୍ଧା ଅନ୍ୟକେହି ନାମାଙ୍କନ ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ନିଖିଲ ବାନାର୍ଜୀ ଗୋପୀଙ୍କୁ ସଭାପତି ରୂପେ ଘୋଷଣା କରିଥିଲେ। କୁଡୁମୁଲୁଗୁମ୍ମା ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ, ଖଇରପୁଟର ବ୍ଲକ ଅଧ୍ୟକ୍ଷ ବିଘ୍ନ କିଷାନୀ,ଉପାଧ୍ୟକ୍ଷ ସାବିତ୍ରୀ ମୁଦୁଲି, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ଖଇରପୁଟ ଜିଲା ପରିଷଦ ସଭ୍ୟ ବଲୀ ମାଝୀ, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ, ସମାଜିକ କର୍ମୀ ଘାଶୀରାମ ଗୁଚ୍ଛା,ହେମନ୍ତ ଦାସ ଓ ଭଗବାନ ସାହୁ ପ୍ରମୁଖ ନବ ନିର୍ବାଚିତ ଲ୍ୟାମ୍ପ ସଭାପତି ପାଙ୍ଗୀ ଶୁଭେଚ୍ଛା ଜଣାଇଛନ୍ତି।

# ଦୂଷିତ ପାଣିରେ ଶୋଷ ମେଣ୍ଟୁଛି


ଜଣେ ମହିଳା ନାଳରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

ଦଶମନ୍ତପୁର,୨୬।୬ ( ଡି.ଏନ.ଏ. )

ଦଶମନ୍ତପୁର ବ୍ଲକ ସଦର ମହକୁମା ବାଘଛେମା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଦୂଷିତ ପାଣିରେ ଗ୍ରାମବାସୀଙ୍କ ଶୋଷ ମେଣ୍ଟୁଛି। ଆଦିବାସୀ ପରଜା ସମ୍ପ୍ରଦାୟର ୫୦ ପରିବାର ବସବାସ କରୁଥିବା ଏହି ଗ୍ରାମର ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ହେଉଛି ପୋଡୁଚାଷ। ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦୀର୍ଘ ବର୍ଷ ତଳେ ଗ୍ରାମରେ ଗୋଟିଏ ମାତ୍ର ନଳକୂଅ ପ୍ରତିଷ୍ଠା ହୋଇଥିଲା। ସେଥିରୁ ବାହାରୁଥିବା ନାଲିରଙ୍ଗର ପାଣି ବ୍ୟବହାର ଉପଯୋଗୀ ହେଉନାହିଁ। ଏହିପାଣିରେ ଭାତ କିମାଣ୍ଡିଆ ଜାଉ କଲେ କଳା ରଙ୍ଗ ଦେଖାଯାଉଛି। ଫଳରେ ଗ୍ରାମବାସୀ ଏହି ପାଣି ବ୍ୟବହାର କରିପାରୁନାହାନ୍ତି। ଗ୍ରାମ ନିକଟସ୍ଥ ଏକ ନାଳରୁ ଦୂଷିତ ପାଣି ସଂଗ୍ରହ କରି ବର୍ଷତମାମ ଚଳୁଛନ୍ତି। ପାନୀୟ ଜଳ ସମସ୍ୟା ନେଇ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଗ୍ରାମରେ ଆବଶ୍ୟକ ନଳକୂଅ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

- ନଳକୂଅରୁ ବାହାରୁଛି ନାଲି ପାଣି
- ବାରମ୍ବାର ଜଣାଇଲେ ମଧ ଶୁଣୁନାହାନ୍ତି ବିଭାଗୀୟ ଅଧିକାରୀ
- ଗ୍ରାମରେ ନଳକୂଅ ନ ବସାଇଲେ ଆନ୍ଦୋଳନ

# ଜିଲା ମଜଦୁର ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ

କୋରାପୁଟ,୨୬।୬(ସ୍ୱ.ପ୍ର.)

କୋରାପୁଟସ୍ଥିତ ସ୍ଥାନୀୟ ଅମଲା ଭବନଠାରେ ରବିବାର ଜିଲା ମଜଦୁର ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆର୍‌ଏମ୍‌ଏସ୍ ଅଧ୍ୟକ୍ଷ ଏ. ଭୀମା ରାଓ ସଭାପତିତ୍ୱ କରିଥିଲେ। ଭାରତୀୟ ମଜଦୁର ସଂଘର ସମ୍ପାଦକ ବିରଞ୍ଚି ନାରାୟଣ ଷଡଙ୍ଗୀ ବୈଠକ ପରିଚାଳନା କରି ରାଜ୍ୟ କାର୍ଯ୍ୟକାରିଣୀର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଆସନ୍ତା ଜୁଲାଇ ୨୩ରେ ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ, ଅଗଷ୍ଟ ୨୮ରେ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ, ସେପ୍ଟେମ୍ବର ୧୭ରେ ରାଷ୍ଟ୍ରୀୟ ଶ୍ରମ ଦିବସକୁ ମହାସମାରୋହରେ ପାଳନ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା। ଜିଲା ପ୍ରଭାରୀ ପ୍ରହ୍ଲାଦ ନାୟକ, ଉପଦେଷ୍ଟା ସୁଧାଂଶୁ କୁମାର ପାଢୀ, ଆଲୋକ ଖରା, ସ୍ୱର୍ଣ୍ଣଲତା ପଣ୍ଡା, ସଂଯୁକ୍ତା ସାହୁ, ଜିମିମା ଖରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘ ସଦସ୍ୟମାନେ ଆଲୋଚନା କରୁଛନ୍ତି।

# ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ଦେଲେ ପରାମର୍ଶ

ମାଲକାନଗିରି,୨୬।୬(ଡି.ଏନ.ଏ.)

**ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କ ମାଲକାନଗିରି ଗସ୍ତ**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କଲ୍ୟାଣମଣ୍ଡପରେ ବିଜୁ ଜନତା ଦଳ ପକ୍ଷରୁ ରବିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାଲାକନଗିରି ଜିଲା ଗସ୍ତରେ ଆସିଥିବା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅଧକ୍ଷତା କରିଥିଲେ। ମାଲକାନଗିରି ଜିଲା ବିଜେଡି ପର୍ଯ୍ୟବେକ୍ଷକ ଚନ୍ଦ୍ରସାରଥୀ ବେହେରା, ପ୍ରକାଶ ମହାନ୍ତି, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପୂର୍ବତନ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଯୋଗୁ ଦଳ ଆଜି ସାରା ରାଜ୍ୟରେ ଲୋକପ୍ରିୟ ହୋଇପାରିଛି। ସବୁଠାରୁ ସଶକ୍ତ ଦଳ ରୂପେ ପରିଚୟ ହାସଲ କରିଛି। ଓଡ଼ିଶାର ସାଢେ ୪ କୋଟି ଲୋକଙ୍କ ସ୍ୱାର୍ଥ ପାଇଁ ବିଜେଡି କାର୍ଯ୍ୟ କରୁଛି। ରାଜ୍ୟର ବିକାଶ ସହ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଦାସ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ପଞ୍ଚାୟତ ଓ ପୌର ନିର୍ବାଚନର ଫଳାଫଳ ସମୀକ୍ଷା କରି ପ୍ରତି ଜୋନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଦଳ ଭଲ ପ୍ରଦର୍ଶନ କରିଥିବା ବେଳେ ଯେଉଁ ସ୍ଥାନରେ ଦଳ ପରାଜିତ ହୋଇଛି ସେଠାରେ କିଭଳି ଆହୁରି ଅଧିକ କାର୍ଯ୍ୟ କରି ସଙ୍ଗଠନକୁ ସୁଦୃଢ କରାଯିବ ସେନେଇ ଦାସ ଗୁରତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡିର କାର୍ଯକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ସମ୍ପାଦକ ପ୍ରଭାକର ପ୍ରଧାନ, ଗୋପାଳ କୃଷ୍ଣ ପଣ୍ଡା, ଜିଲା ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଜିଲା ବିଜୁ ଯୁବ ଜନତାଦଳର ସଭାପତି ଆଡମା ରାବା, ଜିଲା ଛାତ୍ର ଜନତା ଦଳର ସଭାପତି ତାପସ ରଞ୍ଜନ ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଉଛନ୍ତି।

# ନିଶା କାରବାରରୁ ଦୂରେଇ ରହିଲେ ଗଠନ ହେବ ସୁସ୍ଥ ସମାଜ

କୋରାପୁଟ,୨୬।୬(ସ୍ୱ.ପ୍ର.)

କୋରାପୁଟ ଜିଲା ସାମାଜିକ ସୁରକ୍ଷା ଉପ ବିଭାଗ ଓ ଜିଲା ଅବକାରୀ କାର୍ଯ୍ୟାଳୟର ମିଳିତ ଆନୁକୁଲ୍ୟରେ ରବିବାର କୋରାପୁଟରେ ନିଶାଦ୍ରବ୍ୟର ସେବନ ତଥା ଅବୈଧ କାରବାର ବିରୋଧ ଅନ୍ତର୍ଜାତୀୟ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ରବିବାର ସକାଳେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏଥିରେ ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ମାଦକ ଦ୍ରବ୍ୟଠାରୁ ଦୂରେଇ ରହିବା,ଏହାର ଚୋରା କାରବାରକୁ ରୋକିବା ଲାଗି ଅତିଥିମାନେ ପରାମର୍ଶ ଦେଇଥିଲେ। ନିଶା କାରବାରଠାରୁ ଦୂରେଇ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ନିଶା ଦବ୍ୟ ବର୍ଜନ ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରି ଦକ୍ଷତା ବିକାଶ କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସଚେତନତା ସଭା ହୋଇଥିଲା। ଏହି ଅବସରରେ ଏଠାରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ସମେତ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ନିଜ ମତ ରଖିଥିଲେ। ସଚେତନତା ସଭାରେ ଅବକାରୀ ଅଧୀକ୍ଷକ ସେଠୀ ମୁଖ୍ୟ ଅତିଥି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହାପାତ୍ର, ଅବକାରୀ ଉପଅଧୀକ୍ଷକ ଶାନ୍ତି ମାରାଣ୍ଡି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାମାଜ ପାଇଁ ନିଶାଦ୍ରବ୍ୟ କେତେ ଘାତକ ସେନେଇ ଏକ ସଚେତନତାମୂଳକ ନାଟକ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନା ବୈଦ, ଜଗନ୍ନାଥ ନାୟକ, ଅରୁପୋଳକ ଦାସ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

